بسم الله الرحمن الرحيم

**ଖୁତ୍‌ବା ଜୁମା ୨୦ ଜାନୁୟାରୀ ୨୦୨୩ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ୟୁ.କେ)**

## ବୁର୍କିନାଫାସୋ ଅନ୍ତର୍ଗତ ମେହ୍‌ଦୀଆବାଦ୍ ଠାରେ ୯ଜଣ ନିରୀହ ଅହ୍ମେଦିଙ୍କୁ ଅତ୍ୟନ୍ତ ନିର୍ମମ ଓ ନୃଶଂସନୀୟ ଭାବରେ ଶହୀଦ୍ କରିବାର ହୃଦୟ ବିଦାରକ ଘଟଣାର ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ସୁରଃ ବକ୍ରାର ୧୫୫ ଓ ୧୫୬ ନଂ ଆୟତର ଆବୃତ୍ତି କରି ଏହାର ଅନୁବାଦ ଉପସ୍ଥାପନ କଲେ ଏବଂ ଉକ୍ତ ଆୟତ୍ ସଂକ୍ରାନ୍ତରେ କହିଲେ; ଅଲ୍ଲାଃତାଲାଙ୍କ ମାର୍ଗରେ ପ୍ରାଣାହୁତି ଦେବା ନିମନ୍ତେ ଅଲ୍ଲାଃତାଲାଙ୍କର ଏହି ଆଦେଶାବଳୀ ରହିଛି ଯେ, ସେହି ବୀରଗତି ପ୍ରାପ୍ତକାରୀ ବ୍ୟକ୍ତିମାନେ କେବେ ବି ମୃତ୍ୟୁ ବରଣ କରି ନଥାନ୍ତି ବରଂ ସେମାନେ ଅମର ଅଟନ୍ତି । ଜମାଅତ୍ ଅହେମଦିୟାରେ ବିଗତ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ଧରି ଅଲ୍ଲାଃତାଲାଙ୍କ ମାର୍ଗରେ ସହସ୍ର ବ୍ୟକ୍ତିମାନେ ନିଜର ପ୍ରାଣାବଳୀ ଦେଇ ଆସୁଛନ୍ତି । ସେହି ଶହୀଦ୍‌ମାନେ ଯେଉଁ ମର୍ଯ୍ୟାଦା ପ୍ରାପ୍ତ କରିଛନ୍ତି ଏବଂ ଯେଉଁଠି ସେମାନଙ୍କର ସ୍ତର ସର୍ବଦା ବୈକୁଣ୍ଠରେ ଉନ୍ନୀତ ହୋଇ ଆସିଛି, ସେହି ସ୍ଥଳେ ସେମାନଙ୍କର ନାଁ ମଧ୍ୟ ଏହି ସଂସାରରେ ସର୍ବଦା ଖ୍ୟାତିକୁ ବହୁଗୁଣିତ କରି ଆସିଛି । ଅଲ୍ଲାଃତାଲାଙ୍କ ମାର୍ଗରେ ସେହି ବଳିଦାନକାରୀ ଶୋହଦାଙ୍କ ପ୍ରାଣୋତ୍ସର୍ଗ କରିବା କେବଳ ସେମାନଙ୍କ ପକ୍ଷେ ନୁହେଁ ବରଂ ଜମାଅତ୍ ପକ୍ଷେ ମଧ୍ୟ ଏକ ନୂତନ ଆଶା ଓ ଜୀବନର ଆଲୋକ ପାଲଟି ଯାଇଛି । ଏହି ପ୍ରାଣାବଳୀ ହିଁ ପରବର୍ତ୍ତୀ ପିଢୀଙ୍କ ଓ ଅନୁଗାମୀମାନଙ୍କ ନିମନ୍ତେ ନବ ଜୀବନ ଓ ଉନ୍ନତିର ମାଧ୍ୟମ ସାଜିଥାଏ ।

ଯଦି ଏହି ପ୍ରଶ୍ନ ଉତ୍ଥାପିତ ହୁଏ ଯେ, ମୃତକମାନେ ବା ଶହୀଦ୍ ବ୍ୟକ୍ତିମାନେ କିପରି ଜୀବିତ ହୋଇ ପାରିବେ ? ତେବେ ସେପରିପ୍ରେକ୍ଷୀରେ ଏହା ମନେରଖିବା ଉଚିତ ଯେ, ଜମାଅତ୍ ଅହେମଦିୟାର ପ୍ରାଣାବଳୀ ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ହ. ସାହାବ୍‌ଜାଦା ଅବ୍‌ଦୁଲ୍ ଲତିଫ୍ ସାହେବ ଶହୀଦ୍‌ଙ୍କ ବଳିଦାନରୁ ହିଁ ଆରମ୍ଭ ହୋଇଥିଲା । ପ୍ରାଣାବଳୀର ପରମ୍ପରା ପ୍ରାରମ୍ଭିକ କାଳରେ ହିଁ ଆଫଗାନିସ୍ତାନ ଓ ଉଭୟ ଭୂଖଣ୍ଡ ଅର୍ଥାତ ଭାରତ ଓ ପାକିସ୍ତାନରେ ବାସ କରୁଥିବା ଅହେମଦିମାନେ ଦେଇ ଆସୁଛନ୍ତି । ୨୦୦୫ ମସିହାରେ ଆଫ୍ରିକା ମହାଦେଶର କଙ୍ଗୋ ଦେଶରେ ଜଣେ ନୈଷ୍ଠିକ ଅହେମଦି ଜମାଅତ୍ ପାଇଁ ନିଜର ଜୀବନକୁ ଉପସ୍ଥାପିତ କରି ଦେଇଥିଲେ । କିନ୍ତୁ ବିଗତ ଦିନ ବୁର୍କିନାଫାସୋ ଠାରେ ପ୍ରେମ ଓ ବିଶ୍ୱସ୍ତତାରେ ପରିପୂର୍ଣ୍ଣ ଥିବା ଆଫ୍ରିକୀୟ ଅହେମଦିମାନେ ଯେଉଁ ଅପୂର୍ବ ବିଶ୍ୱାସ ପ୍ରଦର୍ଶନ କରି ନିଜର ପ୍ରାଣକୁ ଉତ୍ସର୍ଗ କରି ଦେଇଥିଲେ ତାହା ଅନନ୍ୟ ଥିଲା । ଚରମ ପନ୍ଥୀ ଆତଙ୍କବାଦୀମାନେ ସେମାନଙ୍କୁ ଏହି ସୁଯୋଗ ଦେଇଥିଲେ ଯେ, ସେମାନେ ହ. ମସିହ୍ ମଉଦ ଅ.ସଙ୍କ ସତ୍ୟତାକୁ ଅସ୍ୱୀକାର କରି ଦିଅନ୍ତୁ । ତେବେ ଯାଇ ସେମାନଙ୍କୁ ଜୀବିତ ଛାଡ଼ି ଦିଆଯିବ । କିନ୍ତୁ ସେହି ଅହେମଦିମାନେ ଯେଉଁମାନଙ୍କର ବିଶ୍ୱାସ ପର୍ବତ ଠାରୁ ମଧ୍ୟ ଅଧିକ ସୁଦୃଢ ଓ ଶକ୍ତିଶାଳୀ ଥିଲା, ସେମାନେ ଆତଙ୍କବାଦୀମାନଙ୍କୁ ଏହି ଉତ୍ତର ଦେଲେ ଯେ, ଜୀବନ ତ' ଦିନେ ନା ଦିନେ ଚାଲିଯିବ । ଆଜି ନୁହେଁ ତ' କାଲି ଜୀବନ ରୂପକ ପ୍ରାଣବାୟୁ ଉଡ଼ିଯିବ । ତେବେ ସେହି ନଶ୍ୱର ଓ ଅନିଶ୍ଚିତତା ପୂର୍ଣ୍ଣ ଜୀବନକୁ ବଞ୍ଚାଇବାକୁ ଯାଇ ଆମେମାନେ ବହୁ ବିଶ୍ୱାସର ସଉଦା କରିପାରିବୁ ନାହିଁ । ଆମେମାନେ ଯେଉଁ ସତ୍ୟତାକୁ ଅବଲୋକନ କାରି ସାରିଛେ ତାହାକୁ ଆମେମାନେ କଦାପି ଛାଡ଼ି ପାରିବୁ ନାହିଁ । ଏହିପରି ଭାବରେ ଗୋଟିଏ ପରେ ଗୋଟିଏ ସେହି ୯ ଜଣ ଅହେମଦିମାନେ ନିଜର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ସେମାନଙ୍କର ସ୍ତ୍ରୀ ଓ ପିଲା ଛୁଆମାନେ ଏହି ହୃଦୟ ବିଦାରକ ଦୃଶ୍ୟକୁ ସ୍ୱଚକ୍ଷୁରେ ଅବଲୋକନ କରୁଥିଲେ, ହେଲେ ହେଁ ସେମାନେ କୌଣସି ଆର୍ତ୍ତ ଚିତ୍କାର କଲେ ନାହିଁ ।

ଏହି ବୀରଗତି ପ୍ରାପ୍ତ କରିଥିବା ଅହେମଦିମାନେ ହେଉଛନ୍ତି ସେହିମାନେ ଯେଉଁମାନେ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ଦେଇଥିବା ବଳିଦାନ ହ. ସାହାବ୍‌ଜାଦା ଅବ୍‌ଦୁଲ୍ ଲତିଫ୍ ସାହେବ ଶହୀଦଙ୍କ ବଳିଦାନ ପରେ ସମଗ୍ର ଅହେମଦିୟା ଜଗତର ବଳିଦାନର ଏକ ନୂତନ ଅଧ୍ୟାୟ ଓ ନୂତନ ପୃଷ୍ଠା ଜୋଡ଼ି ଦେଇଛନ୍ତି । ଏହି ସାହାସୀ ଶହୀଦ୍ ଅହେମଦିମାନେ ସାଂସାରିକ ଜୀବନର ମୋହମାୟାର ବଳିଦାନ ଦେଇ ସାର୍ବକାଳୀକ ଜୀବନ ଅର୍ଥାତ ଅମରତ୍ୱ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇଛନ୍ତି।

ସେହି ଶହୀଦ୍‌ମାନେ ଧନ, ଜୀବନ ଓ ସମୟର ବଳିଦାନ ଦେଇ ନିଜର ଶପଥକୁ ଅକ୍ଷରେ ଅକ୍ଷରେ ପୂରଣ କରି ଆଗାମୀ ବଂଶଧରଙ୍କ ଠାରୁ ବେଶ୍ ଆଗକୁ ଅଗ୍ରସର ହୋଇଛନ୍ତି । ଅଲ୍ଲାଃତାଲା ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ସେହି ଶୁଭ ସମ୍ବାଦର ପ୍ରକୃତ ଅଧିକାରୀ ରୂପେ ବିବେଚିତ କରନ୍ତୁ ଯେଉଁ ଅଧିକାରର ପ୍ରତିଶୃତି ଲାଗି ଅଲ୍ଲାଃତାଲାଙ୍କ ସକାଶେ ଓ ତାହାଙ୍କ ମାର୍ଗରେ ବଳିଦାନ ଦେଉଥିବା ବ୍ୟକ୍ତିକୁ ଅଲ୍ଲାଃତାଲା ଉପଯୁକ୍ତ ସମ୍ମାନର ଅଧିକାରୀ କରିଛନ୍ତି । ହୁଜୁର ଅନୱର୍ ଅ.ବ କହିଲେ, ପ୍ରାପ୍ତ ବିସ୍ତୃତ ବିବରଣୀ ଅନୁଯାୟୀ ବୁର୍କିନାଫାସୋର ଡୋରି ନାମକ ଏକ ସହର ଯେଉଁଠି ମେହଦୀୟାବାଦ୍ ଠାରେ ନୂତନ ଜନବସତି ସ୍ଥାପିତ ହୋଇଥିଲା । ଜାନୁୟାରୀ ମାସ ୧୧ ତାରିଖ ଦିନ ୯ ଜଣ ବରିଷ୍ଠ ଅହେମଦିମାନଙ୍କୁ ଇଶା ନମାଜ ସମୟରେ ମସ୍‌ଜିଦ୍‌ର ପ୍ରାଙ୍ଗଣରେ ଅନ୍ୟ ନମାଜୀମାନଙ୍କ ସମକ୍ଷରେ ଇସ୍‌ଲାମ୍ ଓ ଅହେମଦିୟତ୍‌କୁ ପ୍ରତ୍ୟାଖ୍ୟାନ ନକରିବା ଯୋଗୁଁ ଜଣ ଜଣ କରି ଶହୀଦ୍ କରିଦିଆଗଲା । ୮ ଜଣ ଶସ୍ତ୍ରଧାରୀ ଆତଙ୍କବାଦୀମାନେ ମସଜିଦ ଭିତରକୁ ଅତର୍କିତ ଭାବରେ ପଶି ଆସିଥିଲେ । ସେହି ଆତଙ୍କବାଦୀମାନେ ଅହେମଦିୟା ମସ୍‌ଜିଦ୍‌କୁ ଆସିବା ପୂର୍ବରୁ ସେଠିକାର ନିକଟବର୍ତ୍ତୀ ୱହାବୀମାନଙ୍କର ଏକ ମସ୍‌ଜିଦ୍‌ରେ ମଗ୍‌ରିବ୍ ଇଶା ମଧ୍ୟବର୍ତ୍ତୀ ସମୟ ଅତିବାହିତ କରିଥିଲେ । କିନ୍ତୁ ସେଠାରେ ସେମାନେ କାହାରିକୁ କୌଣସି କ୍ଷତି ପହଞ୍ଚାଇ ନଥିଲେ । କିନ୍ତୁ ଉକ୍ତ ଆତଙ୍କବାଦୀମାନେ ଯେତେବେଳେ ଅହେମଦିୟା ମସ୍‌ଜିଦ୍‌କୁ ଆସିଲେ ସେତେବେଳେ ଇଶା ଅଜାନ୍ ହେଉଥିଲା । ଅଜାନ ପରେ ମୁଅଜ୍ଜିନ୍‌କୁ ଆତଙ୍କବାଦୀମାନେ ଏହି ଘୋଷଣା କରିବା ପାଇଁ କହିଥିଲେ ଯେ, ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦମାନେ ଶୀଘ୍ର ଶୀଘ୍ର ମସ୍‌ଜିଦ୍‌କୁ ଚାଲି ଆସନ୍ତୁ । କିଛି ଲୋକମାନେ ଆସିଛନ୍ତି ଏବଂ ସେମାନେ ଆପଣମାନଙ୍କୁ କିଛି କଥା କହିବେ । ଅତଃ ସେମାନେ ଜମାଅତ୍ ଅହେମଦିୟାର ଆସ୍ଥା ଓ ବିଶ୍ୱାସ ସଂପର୍କରେ ଇମାମ୍ ଅଲ୍‌ହାଜ୍ ଇବ୍ରାହିମ୍ ବଦ୍‌ଗା ସାହେବଙ୍କୁ ଅନେକ ପ୍ରଶ୍ନ କଲେ । ଇମାମ୍ ସାହେବ କହିଲେ, ଆମେମାନେ ହେଉଛୁ ମୁସଲମାନ ଧର୍ମାବଲମ୍ବୀ ଏବଂ ଆଁହଜରତ ସ.ଅଙ୍କୁ ସ୍ୱୀକାର କରିଛୁ । ଆମମାନଙ୍କର ସଂପର୍କ ଅହେମଦିୟା ମୁସ୍‌ଲିମ୍ ଜମାଅତ୍ ସହିତ ଅଟେ । ହ. ଇସା  ଅ.ସ ମୃତ୍ୟୁବରଣ କରି ସାରିଛନ୍ତି ଏବଂ ହ. ମସିହ୍ ମଉଦ୍ ଅ.ସ ହିଁ ଇମାମ୍ ମେହଦୀ ଅଟନ୍ତି ।

ଆତଙ୍କବାଦୀମାନେ କହିଲେ, ଅହେମଦିମାନେ ହେଉଛନ୍ତି ପରମ ଅବିଶ୍ୱାସକାରୀ । ପୁନଶ୍ଚ ସଂଲଗ୍ନିତ ଏକ ସିଲେଇ ସେଣ୍ଟରରେ ହ. ମସିହ୍ ମଉଦ୍ ଅ.ସ ଓ ଖଲିଫାମାନଙ୍କର ଛବି ସଂପର୍କରେ ପଚାରିଲେ । ଇମାମ୍ ସାହେବ ଜଣ ଜଣ କରି ହ. ମସିହ୍ ମଉଦ୍ ଅ.ସ ଓ ସମସ୍ତ ଖଲିଫାମାନଙ୍କର ପରିଚୟ ପ୍ରଦାନ କଲେ । ସେମାନେ କହିଲେ ମସିହ୍ ମଉଦ୍ ଅ.ସଙ୍କ ସମସ୍ତ ଦାବି ମିଥ୍ୟା ଅଟେ (ନାଉଜୁ ବିଲ୍ଲାଃ) । ଏହାପରେ ସେମାନେ ମସ୍‌ଜିଦ୍‌ରେ ଉପସ୍ଥିତ ଥିବା ୭୦ ଜଣ ନମାଜ ପାଠକାରୀଙ୍କ ମଧ୍ୟରୁ ବୟସାନୁଯାୟୀ ପିଲା, ଯୁବକ ଏବଂ ବୟସ୍କ ବ୍ୟକ୍ତିମାନଙ୍କର ଏକ (ଗ୍ରୁପ୍) ଦଳ ଗଠନ କଲେ । ଯହିଁରେ ୧୦/୧୨ ଜଣ ଲଜ୍‌ନା (ଅହେମଦିୟା ମହିଳା ଗୋଷ୍ଠୀ) ମଧ୍ୟ ଉପସ୍ଥିତ ଥିଲେ । ଆତଙ୍କବାଦୀମାନେ ବୟସ୍କ ବ୍ୟକ୍ତିମାନଙ୍କୁ କହିଲେ ଯେ, ସେମାନେ ମସ୍‌ଜିଦ୍‌ର ପ୍ରାଙ୍ଗଣକୁ ଚାଲିଆସନ୍ତୁ । ଯହିଁରେ ଜଣେ ଭିନ୍ନକ୍ଷମ ବ୍ୟକ୍ତି ମଧ୍ୟ ରହିଥିଲେ । ଯାହାଙ୍କୁ ସେହି ଆତଙ୍କବାଦୀମାନେ ଏହା କହି ମନା କରିଦେଲେ ଯେ, ତୁମେ ଅକର୍ମଣ୍ୟ ଅଟ ତେଣୁ ତୁମେ ଭିତରେ ହିଁ ରୁହ । ସୁତରାଂ ସେହି ଶସ୍ତ୍ରଧାରୀ ଆତଙ୍କବାଦୀମାନେ ସମସ୍ତ ସଦସ୍ୟବୃନ୍ଦଙ୍କୁ ଧରି ମସ୍‌ଜିଦ୍‌ର ପ୍ରାଙ୍ଗଣକୁ ନେଇ ଆସିଲେ ଏବଂ ଇମାମ୍ ସାହେବଙ୍କୁ କହିଲେ, ସେ ଯଦି ଅହେମଦିୟତ୍‌କୁ ପ୍ରତ୍ୟାଖ୍ୟାନ କରି ଦିଅନ୍ତି ତେବେ ସେମାନେ ତାଙ୍କୁ ଜୀବିତ ଛାଡ଼ିଦେବେ । ଇମାମ୍ ସାହେବ ଉତ୍ତର ଦେଲେ ଯେ, ଆପଣମାନେ ଯଦି ମୋର ସ୍କନ୍ଧଚ୍ୟୁତ କରି ଦିଅନ୍ତି ତେବେ ମଧ୍ୟ ମୁଁ ଅହେମଦିୟତ୍‌କୁ ପରିତ୍ୟାଗ କରିପାରିବି ନାହିଁ । ଆତଙ୍କବାଦୀମାନେ ତାଙ୍କୁ ଓଲଟା ସୁଆଇ ଦେଇ ଯେତେବେଳେ ତାଙ୍କ ବେକରେ ଛୁରୀ ରଖି ଜେବହ୍ କରିବା ପାଇଁ ଉଦ୍ୟମ କଲେ, ସେତେବେଳେ ଇମାମ୍ ସାହେବ କହିଲେ ମୋତେ ଛିଡ଼ା କରି ମାରି ଦିଅନ୍ତୁ । ସୁତରାଂ ସେମାନେ ଇମାମ୍ ସାହେବଙ୍କୁ ଛିଡ଼ା କରି ଗୁଳି ଚାଳନା କରି ଶହୀଦ୍ କିରଦେଲେ ।

ଆତଙ୍କବାଦୀମାନେ ଏହା ଭାବିଲେ ଯେ, ଅନ୍ୟ  ଅହେମଦିମାନେ ଇମାମ୍ ସାହେବଙ୍କ ହୃଦୟ ବିଦାରକ ମରଣ ଦୃଶ୍ୟକୁ ଦେଖି ଭୟଭୀତ ହୋଇ ସେମାନଙ୍କର କଥା ମାନିଯିବେ । ଅତଏବ ଜଣେ ବୟସ୍କ ବ୍ୟକ୍ତିଙ୍କୁ ଡାକି କହିଲେ, ତୁମେ ଅହେମଦିୟତ୍‌କୁ ଛାଡ଼ିବ ନା ମରିବାକୁ ଚାହୁଁଛ ? ପ୍ରତ୍ୟୁତ୍ତରରେ ଅହେମଦି ବୃଦ୍ଧ ଜଣକ ଉତ୍ତର ଦେଲେ, ମୁଁ ଅହେମଦିୟତ୍ ଛାଡ଼ି ପାରିବି ନାହିଁ । ପୁନଶ୍ଚ ଏହାପରେ ଆତଙ୍କବାଦୀମାନେ ସଂପୃକ୍ତ ବୃଦ୍ଧଙ୍କ ମସ୍ତିଷ୍କରେ ଗୁଳି କରି ତାଙ୍କୁ ମଧ୍ୟ ଶହୀଦ୍ କରିଦେଲେ । ଏହିପରି ଭାବରେ ଅନ୍ୟ ସଦସ୍ୟବୃନ୍ଦଙ୍କୁ ଜଣ ଜଣ କରି ଡାକିଲେ ଏବଂ ସେମାନଙ୍କୁ ଶହୀଦ୍ କରିଦେଲେ । ହୁଜୁର ଅନୱର୍ ଅ.ବ କହିଲେ, କୌଣସି ଜଣେ ବ୍ୟକ୍ତି ମଧ୍ୟ ଦୁର୍ବଳତା ପ୍ରଦର୍ଶନ କଲେ ନାହିଁ ଓ ନା ହିଁ ଅହେମଦିୟତ୍‌କୁ ସେମାନେ ଅସ୍ୱୀକାର କଲେ । କାହାରି ବିଶ୍ୱାସରେ ମଧ୍ୟ କୌଣସି ଅନ୍ତରାୟ ଦେଖା ଦେଇ ନଥିଲା । ସମସ୍ତ ଶହୀଦ୍‌ମାନେ ପରସ୍ପର ଠାରୁ ପ୍ରତିସ୍ପର୍ଦ୍ଧିତ ହୋଇ ବିଶ୍ୱାସ, ବିଶ୍ୱସ୍ତତା ଓ ଅପୂର୍ବ ସାହସିକତା ପ୍ରଦର୍ଶନ କଲେ ଏବଂ ଅଲ୍ଲାଃତାଲାଙ୍କ ନିକଟରେ ନିଜର ପ୍ରାଣକୁ ବଳୀ ପକାଇଦେଲେ । ଆତଙ୍କବାଦୀମାନେ ପ୍ରତ୍ୟେକ ଶହୀଦ୍‌କୁ ଅତି ବେଶୀରେ ତିନୋଟି ଗୁଳି ମାରିଥିଲେ । ଯହିଁରେ ଦୁଇ ଜଣ ଜାଆଁଳା ଭାଇ ମଧ୍ୟ

ଅନ୍ୟତମ ଅଟନ୍ତି । **ତଜ୍‌କିରତୁଶ୍ ଶାହାଦତୈନ**ରେ ହ. ମସିହ୍ ମଉଦ୍ ଅ.ସ ସାହାବଜାଦା ହ. ଅବଦୁଲ୍ ଲତିଫ୍ ସାହେବ ଶହୀଦଙ୍କର ଚର୍ଚ୍ଚା କରି କୁହନ୍ତି, ଅଲ୍ଲାଃତାଲା ସେହି ବୀରଗତି ପ୍ରାପ୍ତ କରିଥିବା ଅହେମଦିମାନଙ୍କର ଅନେକ ସ୍ଥାନାପନ୍ନ ବ୍ୟକ୍ତି ସୃଷ୍ଟି କରିଦେବେ । ଅତଃ ଆମେମାନେ ଏହି କଥାର ପ୍ରତ୍ୟକ୍ଷଦର୍ଶୀ ଯେ, ଆଜି ଆଫ୍ରିକାରେ ବାସ କରୁଥିବା ବୀର ଶହୀଦ୍ ଅହେମଦିମାନେ ଯେଉଁ ଆଦର୍ଶ ସ୍ଥାପନ କରିଛନ୍ତି ତାହା ସ୍ଥାନାପନ୍ନର ଅଧିକାର ମଧ୍ୟ ସମ୍ପାଦନ କରିଦେଲେ । ଆତଙ୍କବାଦୀର ଏହି ନୃଶଂସନୀୟ ତଥା ବର୍ବରତ୍ୱ ବିଭିଷୀକା ଦେଢ ଘଣ୍ଟା ଧରି ଜାରି ରହିଲା । ଅନ୍ୟମାନଙ୍କ ଉପରେ ଏହି ଦୁଃଖ ଦାୟକ ଏବଂ ମର୍ମନ୍ତୁଦ ଘଟଣାର ଯେଉଁ ପ୍ରଭାବ ପଡ଼ିଥିବା ତଥା ସେମାନେ କେଉଁ ବ୍ୟଥା, ବ୍ୟାକୁଳତା ଏବଂ ବେଦନାମୟ ପରିସ୍ଥିତି ଦେଇ ଅତିକ୍ରମ କରିଥିବେ ତାହା ସହଜେ ଅନୁମେୟ ଯେ, ସେମାନଙ୍କ ଆଖି ସାମ୍ନାରେ ସେମାନଙ୍କର ପ୍ରିୟଜନଙ୍କୁ ଅତ୍ୟନ୍ତ ନିର୍ମମ ଓ ବୀଭତ୍ସ ଭାବରେ ଶହୀଦ୍ କରାଯାଉଥିଲା ।

ହୁଜୁର ଅନୱର ଅ.ବ କହିଲେ, ବର୍ତ୍ତମାନ ସଂକ୍ଷେପରେ ସେହି ଶୋହଦାମାନଙ୍କର ଜୀବନୀ ଚର୍ଚ୍ଚା ବର୍ଣ୍ଣନା କରିଦେବି । ଯଦ୍ୱାରା ସେମାନଙ୍କର ବିଶ୍ୱାସରେ ଥିବା ଦୃଢତା ଅତି ସହଜେ ଅନୁମେୟ ହୁଏ । **ପ୍ରଥମ ଶହୀଦ୍** ହେଲେ ଇମାମ୍ ଅଲ୍‌ହାଜ୍ ଇବ୍ରାହିମ୍ ବଦ୍‌ଗା ସାହେବ । ସ୍ୱର୍ଗତ ଶହୀଦ୍ ଇମାମ୍ ସାହେବ ଅଞ୍ଚଳର ଜଣେ ଖ୍ୟାତି ସମ୍ପନ୍ନ ବ୍ୟକ୍ତି ଥିଲେ ଏବଂ ଅଞ୍ଚଳର ସବୁଠୁ ବଡ଼ ୱହାବୀ ଇମାମ୍ ଥିଲେ । ଇମାମ୍ ସାହେବ ଜଣେ ବିଦ୍ୱାନ ବ୍ୟକ୍ତି ଥିଲେ । ଉକ୍ତ ଅଞ୍ଚଳର ସ୍ଥାନୀୟ ଭାଷା ଥିଲା ତମାଶୁକ୍ । ଅତଃ ଇମାମ୍ ସାହେବ ତମାଶୁକ୍ ଭାଷାର ବିଦ୍ୱାନ୍ ଥିଲେ । ଅହେମଦିୟତ୍ ଗ୍ରହଣ କରିବା ପୂର୍ବରୁ ସେ ଅନେକ ପୁରପଲ୍ଲୀର ମୁଖ୍ୟ ଥିଲେ । ସ୍ଥାନୀୟ ଏବଂ ଆଖପାଖ ଅଞ୍ଚଳର ଅନେକ ଛୋଟ ବଡ଼ ବିଦ୍ୱାନମାନେ ତାଙ୍କ ନିକଟରେ ବସିବାକୁ ନିଜ ପାଇଁ ସୌଭାଗ୍ୟ ଏବଂ ଗର୍ବର ବିଷୟ ବୋଲି ମନେ କରୁଥିଲେ । ୧୯୯୮ ମସିହାରେ ଡୋରି ଅଞ୍ଚଳରେ ନିୟମିତ ଭାବରେ ଜମାଅତ୍ ଅହେମଦିୟାର ମିଶନ ସ୍ଥାପନ ହେବାର ସୂଚନା ଯେତେବେଳେ ଇମାମ୍ ସାହେବଙ୍କୁ ପ୍ରାପ୍ତ ହେଲା ସେତେବେଳେ ଆପଣ ୭ ଜଣ ବ୍ୟକ୍ତିଙ୍କ ସହିତ ମିଶନ ହାଉସ୍ ଆସିଲେ ଏବଂ ବହୁତ ଅନୁସନ୍ଧାନ ଓ ଗବେଷଣା ପରେ ଯାଇ ସେ ବୈଅତ୍ କଲେ । ଇମାମ୍ ସାହେବ ସମସ୍ତ ସତ୍ୟତାକୁ ବୁଝି ଅହେମଦିୟତ୍ ସ୍ୱୀକାର କଲେ ଏବଂ ପୁନଶ୍ଚ ବଳିଦାନର ସର୍ବୋଚ୍ଚ ଉଦାହରଣ ସ୍ଥାପନ କଲେ । ସ୍ୱର୍ଗତ ଇମାମ୍ ଜଣେ ନିର୍ଭୀକ **ଦାଇ ଇଲଲ୍ଲାଃ** (ଈଶ୍ୱରଙ୍କ ଆଡ଼କୁ ଆମନ୍ତ୍ରିତ କରିବା) ଜଣେ ପାଗଳ ପ୍ରାୟ ଅହେମଦି ବ୍ୟକ୍ତି ଥିଲେ। ଆପଣଙ୍କ ଉଦ୍ୟମ ବଳରେ ଅଞ୍ଚଳରେ ଅହେମଦିୟତ୍ ବ୍ୟାପୀ ଥିଲା ଏବଂ ଅନେକ ଜମାଅତ୍ ସ୍ଥାପିତ ମଧ୍ୟ ହେଲା । ଇମାମ୍ ସାହେବଙ୍କୁ ତବ୍‌ଲିଗ୍‌ର ପ୍ରବଳ ଅଭିରୁଚି ରହିଥିଲା । ହତ୍ୟା ଧମକ ମିଳିବା ସତ୍ତ୍ୱେ ମଧ୍ୟ ନିଜର ଉଦ୍ୟମରୁ କେବେ ବି ଆପଣ ଅଟକି ଯାଇ ନଥିଲେ କି ନିଜର ଉଦ୍ୟମକୁ କେବେବି ଆପଣ ବିରତ ରହୁ ନଥିଲେ । ଖିଲାଫତ୍ ପ୍ରତି ତାଙ୍କର ଗଭୀର ଆସ୍ଥା ଓ ବିଶ୍ୱସ୍ତତାର ସଂପର୍କ ରହିଥିଲା । ଲୋକମାନଙ୍କ ପ୍ରତି ସଦବ୍ୟବହାର ପ୍ରଦର୍ଶନ କରିବା ଏବଂ ଅନ୍ୟମାନଙ୍କ ପାଇଁ ବଳିଦାନ ଦେବା ତାଙ୍କର ବିଶେଷତା ଥିଲା । ଜମାଅତର ପ୍ରତ୍ୟେକ ପ୍ରକାରର କାର୍ଯ୍ୟକଳାପରେ ଆପଣ ଅଂଶ ଗ୍ରହଣ କରୁଥିଲେ ।

**ଦ୍ୱିତୀୟ ଶହୀଦ୍** ହେଉଛନ୍ତି ହୁସୈନୀ ଅଲ୍ ହସନ୍ ଆଗ୍‌ମାନିଏଲ୍ ସାହେବ : ସ୍ୱର୍ଗତ ଅଲ୍ ହସନ୍ ସାହେବ ୧୯୯୯ ମସିହାରେ ବୈଅତ୍ କରିଥିଲେ । ନିଜ ଗ୍ରାମର ପ୍ରାରମ୍ଭିକ ଅହେମଦିମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ସ୍ୱର୍ଗତ ବର୍ତ୍ତମାନ ଜଇମ୍ ଅନସାରୁଲ୍ଲାଃ ଭାବରେ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । **ତୃତୀୟ ଶହୀଦ୍** ତାଙ୍କର ଜାଆଁଳା ଭାଇ ଅଲ୍ ହସନ୍ ଆଗ୍‌ମାନିଏଲ୍ ସାହେବ ମଧ୍ୟ ଉକ୍ତ ଘଟଣାରେ ବୀରଗତି ପ୍ରାପ୍ତ କରିଥିଲେ । ଉଭୟ ଜାଆଁଳା ଭାଇ ଏକ ସମୟରେ ଜନ୍ମ ଗ୍ରହଣ କଲେ ଏବଂ ଏକ ସମୟରେ ହିଁ ଇହ ଜଗତରୁ ବିଦାୟ ନେଇଗଲେ । **ଚତୁର୍ଥ ଶହୀଦ୍** ହେଉଛନ୍ତି ହମିଦ୍ ୱାଆଗ୍ ଅବ୍‌ଦୁର ରହେମାନ ସାହେବ: ସ୍ୱର୍ଗତ ହମିଦ୍ ସାହେବ ବୃତ୍ତିରେ ଜଣେ ଚାଷୀ ଥିଲେ ଏବଂ ୧୯୯୯ ମସିହାରେ ସ୍ୱର୍ଗତ ବୈଅତ୍ କରିଥିଲେ । ନିର୍ମଳ ହୃଦୟ ଓ କୋମଳ ସ୍ୱଭାବର ବ୍ୟକ୍ତି ଥିଲେ। ଜମାଅତ୍‌ର କାର୍ଯ୍ୟରେ ଆଗ ଧାଡ଼ିର ସେବକ ରୂପେ ଜଣାଶୁଣା ଥିଲେ ଏବଂ ଇମାମ୍ ସାହେବଙ୍କର ସହାୟକ ମଧ୍ୟ ଥିଲେ । **ପଞ୍ଚମ ଶହୀଦ୍** ହେଉଛନ୍ତି ସୁଲାହ୍ ଆଗ୍ ଇବ୍ରାହିମ୍ ସାହେବ: ସ୍ୱର୍ଗତ ଇବ୍ରାହିମ୍ ସାହେବ ବୃତ୍ତିରେ ଜଣେ ଚାଷୀ ଥିଲେ । ସ୍ୱର୍ଗତ ନିୟମିତ ନମାଜ ପାଠକାରୀ ବ୍ୟକ୍ତି ଥିଲେ ଏବଂ ନିୟମିତ ଚାନ୍ଦା ପୈଠ କରୁଥିଲେ । ସ୍ୱର୍ଗତ ଜଣେ ବିଦ୍ୱାନ ବ୍ୟକ୍ତି ଥିଲେ, ସର୍ବଦା ଧାର୍ମିକ ଜ୍ଞାନ ଚର୍ଚ୍ଚା କରୁଥିଲେ । ସ୍ୱର୍ଗତ ଅତ୍ୟନ୍ତ ଶିଷ୍ଟ ଓ ସଭ୍ୟ ସ୍ୱଭାବର ଅଧିକାରୀ ଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରତି ସଦ୍‌ବ୍ୟବାହର ପ୍ରଦର୍ଶନ କରିବା ତାଙ୍କର ବିଶିଷ୍ଟ ଗୁଣ ଥିଲା । **ଷଷ୍ଠ ଶହୀଦ୍** ହେଉଛନ୍ତି ଉସ୍‌ମାନ୍ ଆଗ୍ ସୁଦେ ସାହେବ : ସ୍ୱର୍ଗତ ଉସ୍‌ମାନ୍ ସାହେବ ମେହଦୀୟାବାଦ୍ ମସ୍‌ଜିଦର ନିର୍ମାଣ କାର୍ଯ୍ୟରେ ପ୍ରତିସ୍ପର୍ଦ୍ଧିତ ଭାବରେ ଅଂଶ ଗ୍ରହଣ କରିଥିଲେ । ସ୍ୱର୍ଗତ ନିୟମିତ୍ ପାଞ୍ଚବେଳା ନମାଜ ପାଠକାରୀ ଏବଂ ନିୟମିତ ନମାଜ ତେହଜ୍ଜୁଦ୍ ନମାଜ ପାଠକାରୀ ବ୍ୟକ୍ତି ଥିଲେ । ସ୍ୱର୍ଗତ ଉସ୍‌ମାନ୍ ସାହେବ ବୃତ୍ତିରେ ଜଣେ ବ୍ୟବସାୟୀ ଥିଲେ, ଅତ୍ୟନ୍ତ ନୈଷ୍ଠିକ ବ୍ୟକ୍ତି ଥିଲେ, ମୋତେ ମଧ୍ୟ ଦୁଆ ପାଇଁ ନିୟମିତ ପତ୍ର ଲେଖୁଥିଲେ। **ସପ୍ତମ ଶହୀଦ୍** ହେଉଛନ୍ତି ଆଗାଲୀ ଆଗ୍‌ମା ଗୋଏଲ୍ ସାହେବ : ସ୍ୱର୍ଗତ ଆଗାଲୀ ସାହେବ ନିଜ ପିତାଙ୍କ ସହିତ ୧୯୯୯ ମସିହାରେ ଅହେମଦିୟତ୍ ଗ୍ରହଣ କରିଥିଲେ । ସ୍ୱର୍ଗତଙ୍କର ବୃତ୍ତିରେ ଜଣେ ଚାଷୀ ଥିଲେ, ଅତ୍ୟନ୍ତ

ନୈଷ୍ଠିକ ଅହେମଦି ଥିଲେ ଏବଂ ନମାଜ ଓ ଚାନ୍ଦାରେ ପ୍ରତିସ୍ୱର୍ଦ୍ଧିତ ଭାବରେ ଅଂଶ ଗ୍ରହଣ କରୁଥିଲେ । **ଅଷ୍ଟମ ଶହୀଦ୍** ହେଉଛନ୍ତି ମୁସା ଆଗ୍‌ଦାରାହୀ ସାହେବ : ସ୍ୱର୍ଗତ ବିଲବାଡ଼ି କାର୍ଯ୍ୟ କରୁଥିଲେ । ତେହଜ୍ଜୁଦ୍ ଓ ଅନ୍ୟାନ୍ୟ ନମାଜରେ ନିୟମିତ ରୂପେ ପାଠ କରୁଥିଲେ, ଈଶ୍ୱର ଚର୍ଚ୍ଚାରେ ସର୍ବଦା ନିମଜ୍ଜିତ ରହୁଥିଲେ । ସ୍ୱର୍ଗତ ମୁସା ସାହେବ ଜଣେ ନୈଷ୍ଠିକ ଏବଂ ଜଣେ ପାଗଳ ପ୍ରେମୀ ଅହେମଦି ଓ ଜଣା ଆଦର୍ଶବାନ୍ ବ୍ୟକ୍ତି ଥିଲେ । ସେ ନିୟମିତ ରୂପେ ମୋତେ ଦୁଆ ପାଇଁ ପତ୍ର ଲେଖୁଥିଲେ । **ନବମ ଶହୀଦ୍** ହେଉଛନ୍ତି ଆଗୋମା ଆଗ୍ ଅବଦୁର୍ ରହେମାନ ସାହେବ : ସ୍ୱର୍ଗତ ଆଗୋମା ଆଗ୍ ଅବଦୁର୍ ରହେମାନ୍ ସାହେବ ସମସ୍ତ ଶୋହଦାମାନଙ୍କ ମଧ୍ୟରେ ସର୍ବକନିଷ୍ଠ ଶହୀଦ୍ ଥିଲେ । ୧୯୯୯ ମସିହାରେ ୨୦ ବର୍ଷ ବୟସରେ ସ୍ୱର୍ଗତ ଅହେମଦିୟତ୍ ସ୍ୱୀକାର କରିଥିଲେ ଏବଂ ଏତଦ୍ ପରେ ଜମାଅତ୍ ସହିତ ନିଷ୍ଠା ଏବଂ ବିଶ୍ୱସ୍ତତାରେ ତାଙ୍କର ଅଭିବୃଦ୍ଧି ଘଟିଥିଲା । ସ୍ୱର୍ଗତ ଅତ୍ୟନ୍ତ ନିଷ୍ଠାପର ଏବଂ ଉତ୍ସର୍ଗୀକୃତ ଅହେମଦି ଥିଲେ । ସେ ଆତଙ୍କବାଦୀମାନଙ୍କୁ ନିର୍ଭୀକ ଓ ନିର୍ଦ୍ୱନ୍ଦ୍ୱ ଭାବରେ କହିଲେ, ମୁଁ ହେଉଛି ନାଏବ୍ ଇମାମ୍। ଯେତେବେଳେ ଆତଙ୍କବାଦୀମାନେ ୮ ଜଣଙ୍କୁ ଶହୀଦ୍ କରିଦେଲେ ସେତେବେଳେ ଏହି ବୀର କନିଷ୍ଠ ଶହୀଦ୍ ସେମାନଙ୍କୁ ଉତ୍ତର ଦେଲେ, ଯେଉଁ ମାର୍ଗରେ ମୋର ବରିଷ୍ଠ ମୁରବୀମାନେ ଆତ୍ମ ବଳୀଦାନ ଦେଇଛନ୍ତି ମୁଁ ମଧ୍ୟ ସେହି ମାର୍ଗରେ ନିଜର ଆତ୍ମ ବଳୀଦାନ ଦେବା ପାଇଁ ପ୍ରସ୍ତୁତ ଅଛି । ଆତଙ୍କବାଦୀମାନେ ସ୍ୱର୍ଗତଙ୍କୁ ଅତ୍ୟନ୍ତ ବୀଭତ୍ସ ଭାବରେ ତାଙ୍କ ମୁଖ ମଣ୍ଡଳକୁ ଗୁଳି କରି ତାଙ୍କୁ ଶହୀଦ୍ କରିଦେଲେ ।

ହୁଜୁର ଅନୱର୍ ଅ.ବ କହିଲେ, ପ୍ରତ୍ୟେକ ଶହୀଦ୍‌ଙ୍କ ନାମ ଆଗରେ '**ଆଗ୍**' ଶବ୍ଦଟି ବ୍ୟବହୃତ ହୋଇଛି ଯାହାର ଅର୍ଥ ହେଲା '**ଇବନ୍**' ଅର୍ଥାତ ସୁପୁତ୍ର । ଅତଏବ୍ ଏହିମାନେ ହେଉଛନ୍ତି **ଅହେମଦିୟତ୍‌ର ଉଜ୍ଜ୍ୱଳ ତାରକା** ଯେକି ନିଜ ପଛରେ ଏକ ଉତ୍ତମ ଆଦର୍ଶ ଛାଡ଼ି ଯାଇଛନ୍ତି । ଅଲ୍ଲାଃତାଲା ସେମାନଙ୍କ ସନ୍ତାନ ସନ୍ତତିଙ୍କୁ ମଧ୍ୟ ବିଶ୍ୱାସ ଓ ବିଶ୍ୱସ୍ତତାରେ ଉନ୍ନୀତ କରନ୍ତୁ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରି ତାଙ୍କର ଗୁରୁଜନମାନେ ଯେଉଁ ଅଭିପ୍ରାୟ ସକାଶେ ନିଜର ପ୍ରାଣବଳୀ ଦେଇଛନ୍ତି ତାହାକୁ ଏହି ନୂତନ ପିଢ଼ୀ ହୃଦୟଙ୍ଗମ କରିବାକୁ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ । ହୁଜୁର ଅନୱର୍ ଅ.ବ କହିଲେ ଶୋହଦାମାନଙ୍କ ପରିବାରବର୍ଗଙ୍କ ଆବଶ୍ୟକତା ପୂରଣ ନିମନ୍ତେ ଓ ସେମାନଙ୍କୁ ଆତ୍ମ ନିର୍ଭର କରିବା ପାଇଁ ଖଲିଫା ରାବେଙ୍କ (ଚତୁର୍ଥ ଖଲିଫା) ସମୟରେ ସୟେଦିନା ବିଲାଲ୍ ଫଣ୍ଡ ସ୍ଥାପନ କରାଯାଇଥିଲା । ଯାହାର ଉଦ୍ଦେଶ୍ୟ ହେଲା ଶୋହଦାଙ୍କ ପରିବାର ବର୍ଗଙ୍କ ପ୍ରତିପୋଷଣ ନିମନ୍ତେ ଉକ୍ତ ପାଣ୍ଠିରୁ ଅର୍ଥ ବ୍ୟୟ କରାଯାଇଥାଏ । ଅତଏବ ଇଚ୍ଛୁକ, ହିତୈଷୀ, ବଦାନ୍ୟ ତଥା ପରୋପକାରୀ ବ୍ୟକ୍ତିମାନେ ଉକ୍ତ ପାଣ୍ଠିକୁ ଅର୍ଥଦାନ କରିବାକୁ ଚାହୁଁଛନ୍ତି ତେବେ ସେମାନେ ଅବଶ୍ୟ ଉକ୍ତ ପାଣ୍ଠିରେ ଅର୍ଥଦାନ କରିପାରିବେ । ହୁଜୁର ଅନୱର୍ ଅ.ବ ଏହି କଥା ସ୍ପଷ୍ଟ କରିଦେଲେ ଯେ, ଆପଣମାନଙ୍କର ବିଲାଲ୍ ଫଣ୍ଡ୍‌କୁ ଅର୍ଥଦାନ କରିବା କୌଣସି ଉପକାର ନୁହେଁ ବରଂ ଏହା ଆମମାନଙ୍କର କର୍ତ୍ତବ୍ୟ ଯେ, ସେହି ଶହୀଦ୍ ହୋଇଥିବା ପରିବାରବର୍ଗଙ୍କ ଆବଶ୍ୟକତା ପୂରଣ ପାଇଁ ଅର୍ଥଦାନ କରିବା ସହିତ ସେମାନଙ୍କର ଆବଶ୍ୟକତାକୁ ପୂରଣ କରାଯାଉ ।

ହ. ମସିହ୍ ମଉଦ୍ ଅ.ସଙ୍କ ଏକ ଆଲେଖ୍ୟ ସଂକ୍ରାନ୍ତରେ ହୁଜୁର ଅନୱର୍ ଅ.ବ କହିଲେ, ବଳୀଦାନ ଦେଇଥିବା ଏହି ଶୋହଦାମାନେ ଅଗ୍ନୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ବର୍ତ୍ତମାନ ତାଙ୍କ ପରବର୍ତ୍ତୀ ପିଢ଼ୀଙ୍କୁ ଏହି ଅଗ୍ନୀ ପରୀକ୍ଷା ଦେବାକୁ ହେବ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ଆମେମାନେ ବିଶ୍ୱାସ ଓ ବିଶ୍ୱସ୍ତତାରେ ଅବିଚଳତା ପ୍ରଦର୍ଶନ କରୁଥିବୁ । **ଆମିନ୍** । ହୁଜୁର ଅନୱର୍ ଶୋହଦମାନଙ୍କ ପ୍ରତି ସମବେଦନା ଏବଂ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରି ଏହା ଦୁଆ କଲେ ଯେ, ଅଲ୍ଲାଃତାଲା ସେହି ଶୋହଦାମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ, ସେମାନଙ୍କ ଦ୍ୱାରା ରୋପଣ କରାଯାଇଥିବା ଚାରା ଗଛରେ ଫଳ ଓ ପୁଷ୍ପ ଲାଗୁ । ଫଳତଃ ଆଁହଜରତ ସ.ଅଙ୍କ ଶିକ୍ଷାକୁ ଆମେମାନେ ସମଗ୍ର ପୃଥିବୀରେ ପରିବ୍ୟାପ୍ତ ହେଉଥିବାର ଅବଲୋକନ କରିବୁ । **ଆମିନ୍** । ଖୁତ୍‌ବା ଅନ୍ତେ ହୁଜୁର ଅନୱର୍ ଅ.ବ ଶୋହଦାମାନଙ୍କର ନମାଜ ଯନାଜାଃ ଗାଏବ ସହିତ ଆମେରିକାର ଡଃ. କରୀମୁଲ୍ଲାଃ ଜୈର୍‌ୱୀ ସାହେବ ଓ ତାହାଙ୍କ ପତ୍ନୀ ଅମତୁଲ୍ ଲତିଫ୍ ଜୈର୍‌ୱୀ ସାହେବାଙ୍କ ନମାଜ ଯନାଜାଃ ଗାଏବ୍ ପଢେଇବାର ମଧ୍ୟ ଘୋଷଣା କଲେ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍‌କରୁନା ଉୟ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍ ।**

..............................

KHULASA KHUTBA JUMA HUZOOR ANWAR a.b.a
20th JAN. 2023